# SAMPLE QUESTION PAPER FOR CLASS – XII (ODIA)
# FOR THE BOARD EXAMINATION FOR THE ACADEMIC YEAR 2011

**Time Allowed : 3 Hours** **Maximum Marks : 100**

## 'କ' – ବିଭାଗ / Section – 'A' (50 Marks)

**1.** (କ) ଭ୍ରମ ସଂଶୋଧନ କର - (୩ଟିର) (3)

ଭୌଗଳିକ, କ୍ଷୁର୍ଣ୍ଣ, ଆର୍ଶୀବାଦ, ସାହାର୍ଯ୍ୟ, ଆଷିଶ, ବିଷର୍ଣ୍ଣ

(ଖ) ବିଶେଷ ଅର୍ଥରେ ବାକ୍ୟରେ ପ୍ରୟୋଗ କର – (୩ଟିର) (3)

ଚକ୍ଷୁ କୁଟିବା, ଗୋବର ଗଣେଶ, ଓଳିଆରୁ ଗଜା,
ନାକ ଟେକିବା, ଅଲଣା କଥା

(ଗ) ନିର୍ଦ୍ଦେଶ ଅନୁଯାୟୀ ବାକ୍ୟ ପରିବର୍ତ୍ତନ କର – (୩ଟିର) (3)

(i) ହରି ବାବୁ ହିନ୍ଦୀ ଜାଣିଥିଲେ ମଧ କହି ପାରନ୍ତି ନାହିଁ । (ଯୌଗିକ କର)

(ii) ସନ୍ଧ୍ୟା ସମୟରେ ପକ୍ଷୀମାନେ ବସାକୁ ଫେରନ୍ତି । (ଜଟିଳ କର)

(iii) ମଧୁ ବଜାରକୁ ଗଲା ଏବଂ ମିଠା ଆଣିଲା । (ସରଳ କର)

(iv) ଶରତଋତୁରେ ପୋଖରୀରେ ପଦ୍ମଫୁଲ ଫୁଟେ । (ଜଟିଳ କର)

(v) ଜୋର ଯାହାର ମୂଲକ ତାହାର । (ସରଳ କର)

**2.** (କ) ଉଦାହରଣ ସହ 'ସମବୃତ୍ତ' କିମ୍ବା 'ବିଷମବୃତ୍ତ'ର ପରିଚୟ ଦିଅ । (3)

(ଖ) ଉଦାହରଣ ସହ 'ସାଙ୍ଗ ରୂପକ' କିମ୍ବା 'ଛେକାନୁପ୍ରାସ'ର ଲକ୍ଷଣ ନିର୍ଦ୍ଦେଶ କର । (3)

**3.** ଗୋଟିଏ ମର୍ମନ୍ତୁଦ ରାସ୍ତା ଦୁର୍ଘଟଣା ସଂପର୍କରେ ସମ୍ବାଦପତ୍ର ଲାଗି ବିବରଣୀ ପ୍ରସ୍ତୁତ କର ।

କିମ୍ବା (7)

ତୁମ ସ୍କୁଲର ବାର୍ଷିକ ଉତ୍ସବ ସଂପର୍କରେ ଏକ ବିବରଣୀ ପ୍ରସ୍ତୁତ କର ।

**4.** ତୁମ ଅଞ୍ଚଳରେ ଥିବା ରାସ୍ତାଗୁଡିକର ଦୁରବସ୍ଥା ଉପରେ ଆଲୋକପାତ କରି କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

କିମ୍ବା (8)

ପ୍ରାଥମିକ ଶିକ୍ଷାର ବିପର୍ଯ୍ୟୟ ସଂପର୍କରେ କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

**5.** ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ । (୨୫୦ ରୁ ୩୦୦ ଶବ୍ଦ ସଂଖ୍ୟା ମଧରେ) (10)

(କ) ସାଂପ୍ରଦାୟିକ ଦଙ୍ଗା

(ଖ) ନାରୀ ସ୍ୱାଧୀନତା

(ଗ) ଜଗନ୍ନାଥ ଧର୍ମ ଓ ସଂସ୍କୃତି

୬. ଅନୁଚ୍ଛେଦଟି ପାଠକରି ଶେଷରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ । (5 x 2 = 10)

ପାଠକଙ୍କୁ ଆଖି ଆଗରେ ରଖି ଲେଖକ ଲେଖନ୍ତି । ପାଠକଙ୍କ ଚାହିଦା ପ୍ରତି ସଚେତନ ହୋଇ ଯିଏ ଲେଖିପାରନ୍ତି ସିଏ ଗଡ଼ ଜିତନ୍ତି । ଯଦି ଲେଖକଙ୍କ ଭାବ ଆଉ ଭାଷା ପାଠକମାନଙ୍କଠାରୁ ଦୂରେଇ ଗଲା, ତେବେ ସେ ଆପେ ଆପେ ଅଲୋଡ଼ା ହୋଇଯା'ନ୍ତି । ଲେଖକ ବଞ୍ଚି ରହନ୍ତି ତାଙ୍କ ପାଠକମାନଙ୍କ ହୃଦୟରେ । ଜଣେ ନିପୁଣ ଲେଖକ ହିଁ ଅଳ୍ପକରେ ଅନେକ କଥା କହିପାରନ୍ତି । ଏଥିପାଇଁ ସେ ଅନୁଭବୀ ହେବା ଆବଶ୍ୟକ । ସେଥିପାଇଁ ଗୋଟେ ଖୋଲା ମନ ଲୋଡ଼ା । ଯେଉଁମାନଙ୍କୁ ସେ ଭେଟନ୍ତି, ସେଇମାନଙ୍କର ଜୀବନର ଦରଦ, ଆଖିର ବିନ୍ଦୁଏ ଲୁହ ଲେଖକଙ୍କ ବୁକୁରେ ଛାପା ହୋଇଥାଏ । ସେଇସବୁ ପୁଣି ଲେଖିବା ମୁହୂର୍ତ୍ତରେ କଲମକୁ ଆସିଯାଏ । ଏମିତି ଲେଖା ହୁଏ ସାହିତ୍ୟ ।

ପ୍ରଶ୍ନ –

(କ) ଲେଖକ ଗଡ଼ ଜିତନ୍ତି କିପରି ?

(ଖ) ଲେଖକ କେତେବେଳେ ଅଲୋଡ଼ା ହୋଇଯା'ନ୍ତି ?

(ଗ) ଖୋଲା ମନଟିଏ କେଉଁଥିପାଇଁ ଲୋଡ଼ା ?

(ଘ) ସାହିତ୍ୟ କିପରି ଲେଖାହୁଏ ?

(ଙ) ଲେଖକଙ୍କ ନିପୁଣତା କିପରି ପ୍ରକାଶ ପାଏ ?

## <u>'ଖ' – ବିଭାଗ / Section – 'B'</u> (50 Marks)

**7.** ସ୍ୱାଧୀନ ଚିନ୍ତାର ଉପାଦାନଗୁଡ଼ିକ ସଂପର୍କରେ ବିଶ୍ଳେଷଣ କର ।

କିମ୍ବା (8)

କ୍ଷମା ଓ କରୁଣା ଦ୍ୱାରା କିପରି ଦେବତ୍ୱର ବିକାଶ ହୁଏ ଆଲୋଚନା କର ।

**8.** ସଂକ୍ଷେପରେ ଉତ୍ତର ଦିଅ – (୨ଟିର) (2 x 2½ = 5)

(କ) ଜାତୀୟ ଜୀବନର ମୂଳମନ୍ତ୍ର କ'ଣ ହେବା ଉଚିତ ?

(ଖ) ଗୋଟିଏ ଜାତିର ନାମକରଣ କିପରି ହୋଇଥାଏ ?

(ଗ) କଟା ଘା ରେ ଚୂନ ବୋଳିବାର ଭାବାର୍ଥ କ'ଣ ?

(ଘ) ଶରୀରକୁ ନେଇ କିଏ ଖେଳ ଖେଳେ ?

**9.** ସପ୍ରସଙ୍ଗ ସରଳାର୍ଥ ଲେଖ । (7)

"ସତ୍ୟ, ସଂଯମ ଓ ସାଧୁତା ହିଁ ଏହି ସଂସ୍କୃତିର ଲକ୍ଷଣ ।"

କିମ୍ବା

"ପ୍ରତିହିଂସା ଓ ଶାସ୍ତି ଅପେକ୍ଷା କ୍ଷମା ଓ କରୁଣାରେ ଯେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ ।"

10. "ଗ୍ରାମପଥ ପଲ୍ଲୀଜୀବନର ବହୁ ଆନନ୍ଦ ଓ ବିଷାଦର ମୂକ ସାକ୍ଷୀ" – ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

କିମ୍ବା (8)

'ଜଗତେ କେବଳ' କବିତାରେ ମାନବ ଜୀବନର ଚିରନ୍ତନ ସତ୍ୟ କିଭଳି ଉଦ୍‌ଘାଟିତ – ସମୀକ୍ଷା କର ।

11. ସରଳାର୍ଥ ଲେଖ – (7)

ଦେଖ ମନୁଷ୍ୟ ଦେହ ମୋର ।
କେବଳ ମୁକତିର ଦ୍ୱାର ।।

କିମ୍ବା

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।।

12. ସଂକ୍ଷେପରେ ଉତ୍ତର ଦିଅ – (୨ଟିର) $(2 \times 2\frac{1}{2} = 5)$

(କ) କି'ଏ ଜିଣେ ସେ ଆପଣା ଜ୍ଞାନେ - ଉକ୍ତିଟିର ଭାବାର୍ଥ ଲେଖ ।

(ଖ) 'ଅତି ସମ୍ପଦ ବାବୁ ମହାବିଷମ' କହିଲେ କ'ଣ ବୁଝ ?

(ଗ) ଜଟିଆ ବୁଢ଼ୀ ଚରିତ୍ରର ପରିଚୟ ଦିଅ ।

(ଘ) ତାନ୍ତ୍ରିକ କି'ଏ ଓ ସେ କ'ଣ କରିବାକୁ କହିଛନ୍ତି ?

13. ଦୁଇଟି ଚରିତ୍ରର ବୈଶିଷ୍ଟ୍ୟ ଦର୍ଶାଅ । $(2 \times 5 = 10)$

(କ) ଜୟୀ ରାଜଗୁରୁ

(ଖ) କସ୍ତୁରୀ

(ଗ) ଚରଣ ପଟ୍ଟନାୟକ

(ଘ) କରୁଣାକର

◎◎◎